ବାଇକ୍ ସହ ମଦ ଜବତ, ଜଣେ ଗିରଫ

ମୋହନା,୧୫।୯/ଏନ୍‌ଏନ୍‌ଏସ୍ : ମୋହନା ପୁଲିସ କମଳାପୁର ନାକାଗେଟରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ଠାରୁ ୧୭ଲିଟର ବିଦେଶୀ ମଦ ଜବତ କରିଛି । ଏଥିସହ ସମ୍ପୃକ୍ତ ଯୁବକକୁ ଗିରଫ କରିବା ସହ ବାଇକ୍ ଜବତ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଗଗରାମେରୀ ଗ୍ରାମର ସମୀର କୁମାର ପ୍ରଧାନ । ସମୀର ଗଞ୍ଜାମ ଜିଲ୍ଲାରୁ ବିଦେଶୀ ମଦ ଆଜି ଗଜପତି ଜିଲ୍ଲାର ଗୋବିନ୍ଦପୁର ଗ୍ରାମରେ ଚୋରା ବିକ୍ରୀ କରୁଥିବା ପୁଲିସ ଜାଣିବାକୁ ପାଇଥିଲା ।

ବିହାର ଓ ୟୁପିରେ ବଜ୍ରପାତ, ୨୮ ମୃତ

ନୂଆଦିଲ୍ଲୀ, ୧୫।୯/ଏଜେନ୍ସି: ମଙ୍ଗଳବାର ବିହାର ଓ ଉତ୍ତରପ୍ରଦେଶରେ ବଜ୍ରପାତ ଘଟି ୨୮ ଜଣଙ୍କ ମୃତ୍ୟୁଘଟିଛି । ବିହାରର ୬ ଜିଲ୍ଲାରେ ବଜ୍ରପାତ ହେବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି । ଗୋପାଳଗଞ୍ଜ, ଭୋଜପୁର ଓ ରୋହତାସ୍ ଜିଲ୍ଲାରେ ୩ ଜଣ ଲେଖାଏଁ ପ୍ରାଣ ହରାଇଥିଲା ବେଳେ ସରନ୍, କୈମୁର ଓ ବୈଶାଳୀ ଜିଲ୍ଲାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି ।

ମୁଖ୍ୟମନ୍ତ୍ରୀ ନିତିଶ କୁମାର ମୃତକଙ୍କ ପରିବାର ପିଛା ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ସେହିପରି ଉତ୍ତରପ୍ରଦେଶରେ ବଜ୍ରପାତ ଘଟି ଅନ୍ୟୁନ ୧୩ ଜଣଙ୍କ ମୃତ୍ୟୁଘଟିଛି । ଘାଜିପୁରରେ ୪, କୌଶାମ୍ବିରେ ୩ ଏବଂ କୁସିନଗର ଓ ଚିତ୍ରକୂଟ ଜିଲ୍ଲାରେ ୨ ଜଣ ଲେଖାଏଁ ପ୍ରାଣ ହରାଇଛନ୍ତି ବୋଲି ଉତ୍ତରପ୍ରଦେଶର ରିଲିଫ୍ କମିଶନର ସଞ୍ଜୟ ଗୋୟଲ କରିଛନ୍ତି । ଭାରତୀୟ ପାଣିପାଗ ବିଭାଗ ସୂତ୍ରରୁ ପ୍ରକାଶ ଯେ ବିହାର, ଉତ୍ତରପ୍ରଦେଶ ସମେତ ଉତ୍ତରଭାରତର ଅଧିକାଂଶ ସ୍ଥାନରେ ବର୍ଷା ହୋଇଛି ।

ଘର ପଟ୍ଟା ପାଇଁ ଲାଞ୍ଚ ଭିଡିଓ ଭାଇରାଲ

ହିଞ୍ଜିଳିକାଟୁ,୧୫।୯/ଏନ୍‌ଏନ୍‌ଏସ୍: ଘର ପଟ୍ଟା ପ୍ରଦାନ ନେଇ ରାଜସ୍ୱ କର୍ମଚାରୀ ୪ଜଣ ହିତାଧିକାରୀଙ୍କ ଠାରୁ ୧ହଜାର ଟଙ୍କା ଲେଖାଏଁ ଲାଞ୍ଚ ନେଇଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ହିଞ୍ଜିଳିକାଟୁ ତହସିଲ ବେଲଗାଁ ରାଜସ୍ୱ ସର୍କଲର ୪ଜଣ ହିତାଧିକାରୀ ଘର ପଟ୍ଟା ପାଇଁ ବେଲଗାଁ ଅମିନଙ୍କ ସହିତ ଯୋଗାଯୋଗ କରିଥିଲେ । ପଟ୍ଟା ପ୍ରଦାନ ପାଇଁ କିଛି ଖର୍ଚ୍ଚ ହେବ ବୋଲି ସଂପୃକ୍ତ ଅମିନ ପ୍ରମୋଦ କୁମାର ପାଢ଼ୀ କହିଥିବା ହିତାଧିକାରୀମାନେ କହିଛନ୍ତି । ପ୍ରତ୍ୟେକ ହିତାଧିକାରୀଙ୍କ ଠାରୁ ୧ହଜାର ଟଙ୍କା ଲେଖାଏଁ ନେବା ପରେ ପ୍ରତ୍ୟେକଙ୍କୁ ଶହେ ଟଙ୍କାର ରସିଦ ଦିଆଯାଇଛି । ପରବର୍ତ୍ତୀ ସମୟରେ ହିତାଧିକାରୀଙ୍କୁ ଅମିନ ଲାଞ୍ଚ ଟଙ୍କା ମାଗୁଥିବାର ଭିଡିଓକୁ ସଂପୃକ୍ତ ଗ୍ରାମର ଜଣେ ଯୁବକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ସଂପୃକ୍ତ ଅମିନ ଶ୍ରୀ ପାଢ଼ୀ କହିଛନ୍ତି ଯେ, ବେଲଗାଁ ସରପଞ୍ଚଙ୍କ ପୁଅ ପ୍ରଦୀପ ପାଣିଗ୍ରାହୀ ବେଆଇନ ଭାବେ ଟ୍ରାକ୍ଟର ଯୋଗେ ମୋରମ ଚାରା ଚାଲାଣ କରୁଥିବା ବେଳେ ରାଜସ୍ୱ କର୍ମଚାରୀ ମାନେ ଟ୍ରାକ୍ଟର ଜବତ କରିଥିବା ଯୋଗୁଁ ସେ ଉତ୍ୟକ୍ତ ହୋଇ ସମ୍ପର୍କୀୟମାନଙ୍କୁ କହି ଏଭଳି ଲାଞ୍ଚ ନେବାର ମିଛ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଛନ୍ତି । ଘଟଣା ନେଇ ଅତିରିକ୍ତ ତହସିଲଦାର ଦେବରାଜ ପାତ୍ରଙ୍କ ସହିତ ଯୋଗାଯୋଗ କରାଯିବାରେ ସେ କହିଥିଲେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରଥମ ପୃଷ୍ଠାରୁ...

ଭାରତର ଏସ୍‌ସିଓ...

ପରାମର୍ଶଦାତା ପାଟ୍ରୁସେଭ୍‌ଙ୍କ ସହ ପରାମର୍ଶ କରି ବୈଠକ ବର୍ଜନ କରିଥିଲେ । ଉଲ୍ଲେଖଯୋଗ୍ୟ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦର ପ୍ରଥମ ବର୍ଷ ପୂର୍ତ୍ତି ସମୟରେ ପାକିସ୍ତାନ ଏଭଳି ନକଲି ମାନଚିତ୍ର ଜାରି କରିଥିଲା । ଭାରତ, ପାକିସ୍ତାନ, ଚୀନ୍, କାଜାଖସ୍ତାନ, କିର୍‌ଗିଜ୍‌ସ୍ତାନ, ରୁଷିଆ, ତାଜିକିସ୍ତାନ ଓ ଉଜ୍‌ବେକିସ୍ତାନ ଏସ୍‌ସିଓର ସଦସ୍ୟ ଅଛନ୍ତି । ଗତ ୨ ସପ୍ତାହ ଧରି ମସ୍କୋରେ ଚାଲିଥିବା ଏସ୍‌ସିଓ ବୈଠକରେ ଏଥିପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଯୋଗ ଦେଇଥିଲେ ।

ସୁବର୍ଣ୍ଣରେଖା...

ଅପରାଧ ଭାବେ ବିବେଚନା କରାଯିବ । ପୂର୍ତ୍ତ ବିଭାଗର ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ବିଭାଗୀୟ ସଚିବ କ୍ରିଷନ୍ କୁମାର କହିଛନ୍ତି, ବାଲେଶ୍ୱର ଜିଲ୍ଲାର ଜାତୀୟ ରାଜପଥ-୧୬ର ହଳଦୀପଡ଼ାଠାରୁ ଭାୟା ବାଲିଆପାଳ, ପଟେଇ ଓ ଜଳେଶ୍ୱର ଦେଇ ପଶ୍ଚିମବଙ୍ଗ ସୀମାରେ ୩୬କିମିଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ବୃହତ୍ ବ୍ରିଜ୍ ନିର୍ମାଣ କରିବାକୁ କ୍ୟାବିନେଟ୍ ନୀତିଗତ ନିଷ୍ପତ୍ତି ନେଇଛନ୍ତି । ଏହାଫଳରେ ବାଲିଆପାଳ ଓ ଭୋଗରାଇ ବ୍ଲକ୍ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ ସହ ସୁବର୍ଣ୍ଣରେଖା ମାଉଥ୍ ପୋର୍ଟ, ଚନ୍ଦନେଶ୍ୱର, ଭୁଷୁଣ୍ଡେଶ୍ୱର ଆଦି ଅର୍ଥନୈତିକ ଓ ସାଂସ୍କୃତିକ ସ୍ଥାନଗୁଡ଼ିକୁ ସଂଯୋଗ ହୋଇପାରିବ ଓ ଦୂରତ୍ୱ ମଧ୍ୟ ହ୍ରାସ ପାଇବ । ଏହି ସେତୁର ଦୈର୍ଘ୍ୟ ୯୯୩.୧୨ମିଟର ଓ ପ୍ରସ୍ଥ ୬୨.୦୭ମିଟର ହେବ । ଏହାର ନିର୍ମାଣ ୩୦ ମାସ ମଧ୍ୟରେ ଶେଷ ହେବ । ଏହି ସେତୁର ଟେଣ୍ଡରକୁ ଏଲଆଣ୍ଡଟି କମ୍ପାନୀ ସର୍ବନିମ୍ନ ୧୩୮.୭୪ କୋଟି ଟଙ୍କା ବ୍ୟୟରେ ନେଇଛନ୍ତି । ରାଜ୍ୟ କ୍ୟାବିନେଟ ଏହି ଟେଣ୍ଡରକୁ ଅନୁମୋଦନ କରିଛନ୍ତି ।

ସେହିପରି ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମ-୧୯୪୮ର ସଂଶୋଧନକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଏପର୍ଯ୍ୟନ୍ତ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ଅଧିନିୟମର ବ୍ୟବସ୍ଥା ଅନୁସାରେ ନିୟମ ଉଲ୍ଲଙ୍ଘନକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ବ୍ୟକ୍ତିଗତ ଓ ସମୟୋଚିତ ଭାବେ ନୋଟିସ୍ ଅବା ନିର୍ଦ୍ଦେଶ ଜାରି କରିବା ବ୍ୟବସ୍ଥା ଅତ୍ୟନ୍ତ କଷ୍ଟସାଧ ହେଉଥିଲା । କାରଣ ସରକାରୀ କର୍ମଚାରୀ ଓ ଅଧିକାରୀମାନଙ୍କର ବିଭିନ୍ନ ସମୟରେ ବଦଳି ହୋଇଥାଏ ଓ ସେଥିପାଇଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୋଟିସ୍ ଜାରି ହୋଇପାରୁନଥିଲା । ଏହି ଅସୁବିଧାକୁ ଦୃଷ୍ଟିରେ ରଖି ଅନ୍ୟାନ୍ୟ ପଦ୍ଧତି ସହିତ ରାଜ୍ୟ ସରକାରଙ୍କ ଏଚଆରଏମସ ପୋର୍ଟାଲରେ ଏହି ନୋଟିସ୍ ଜାରି କରିବାକୁ ଅଧିନିୟମରେ ସଂଶୋଧନ କରାଯାଇଛି ।

ବିଶ୍ୱରେ...

କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ଚୀନ୍‌ରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୮ ପଜିଟିଭ୍ ଚିହ୍ନଟ ହେବାରୁ ଆକ୍ରାନ୍ତଙ୍କ ସଂଖ୍ୟା ୮୫,୨୦୨ କୁ ବୃଦ୍ଧିପାଇଛି । ପ୍ରାୟ ୪ ମାସ ହେବ ଚୀନ୍‌ରେ କରୋନାରେ ଆଉ କେହି ପ୍ରାଣ ହରାଇନଥିବାରୁ ମୃତ୍ୟୁସଂଖ୍ୟା ୪୬୩୪ରେ ସୀମିତ ରହିଛି ।

ଶ୍ରମିକଙ୍କ ପାଇଁ...

ଅଭିଯାନ ଆରମ୍ଭ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ସମୀକ୍ଷା ବୈଠକରେ ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭିକେ ପାଣ୍ଡିଆନ୍ ଓ ବିଭିନ୍ନ ବିଭାଗ ସଚିବବୃନ୍ଦ ଉପସ୍ଥିତ ଥିଲେ ।

୧୫ ଦିନରେ...

ଢେଙ୍କାନାଳରୁ ୩୪, ମାଲକାନଗିରିରୁ ୨୨, ବୌଦ୍ଧରୁ ୧୯ ଓ ରାୟଗଡ଼ାରୁ ୧୭ ଆକ୍ରାନ୍ତ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି । ରାଜ୍ୟରେ ଏବେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ଏକ ଲକ୍ଷ ୨୫ହଜାର ୭୩୮ରେ ପହଞ୍ଚିଛି । ସକ୍ରିୟ ରୋଗୀଙ୍କ ସଂଖ୍ୟା ୩୨ହଜାର ୨୧୪ ରହିଛି ।

ଦିନକରେ...

ହେଲେଣି । ଏହି ରାଜ୍ୟରେ କରୋନା ମୃତ୍ୟୁସଂଖ୍ୟା ୨୯,୮୯୪ରେ ପହଞ୍ଚିଛି । ମହାରାଷ୍ଟ୍ର ବ୍ୟତୀତ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଏବଂ ଉତ୍ତରପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟ ମଧ୍ୟ ବ୍ୟାପକ ଭାବେ କୋଭିଡ୍-୧୯ ମହାମାରୀର ଶିକାର ହୋଇଛନ୍ତି । ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର)ର ତଥ୍ୟ ଅନୁଯାୟୀ, ଦେଶରେ ଗତ ୨୪ ଘଣ୍ଟାରେ ୧୦ ଲକ୍ଷ ୭୨ ହଜାର ୮୪୫ କୋଭିଡ୍-୧୯ ନମୁନା ପରୀକ୍ଷା କରାଯାଇଛି । ଏପର୍ଯ୍ୟନ୍ତ ଦେଶରେ ମୋଟ୍ ୫ କୋଟି ୮୩ ଲକ୍ଷ ୧୨ ହଜାର ୨୭୩ ନମୁନା ପରୀକ୍ଷା କରାଗଲାଣି ।

ଟ୍ୱିନ୍‌ସିଟିକୁ...

ତାଲିମ ବ୍ୟବସ୍ଥା ସଶକ୍ତ ହେଲେ କୋଭିଡ୍ ରୋଗୀଙ୍କୁ ନିଜ ଜିଲ୍ଲା ଛାଡ଼ି ବାହାରକୁ ଯିବାକୁ ପଡ଼ିବନି । ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି ଯେ ଜରୁରୀକାଳୀନ ପରିସ୍ଥିତି ଦେଖାଗଲେ ମେଡିକାଲ୍ ଟେକ୍ନିସିଆନ୍‌ଙ୍କ ସହ ରୋଗୀଙ୍କୁ ଭୁବନେଶ୍ୱର ଓ କଟକ ପଠାଯାଉ । ସୁସ୍ଥ ହୋଇଥିବା ରୋଗୀଙ୍କୁ ଆଇସିୟୁରୁ ସ୍ଥାନାନ୍ତର କରିବା ଲାଗି ପରାମର୍ଶ ଦିଆଯାଇଛି । ରେଫରାଲ ପିଲିସିକୁ ଧ୍ୟାନ ଦେବାକୁ କୁହାଯାଇଛି । ରୋଗୀକୁ ଗୋଟିଏ ହସ୍ପିଟାଲରୁ ଅନ୍ୟ ଏକ ହସ୍ପିଟାଲକୁ ରେଫର ବେଳେ ଉଭୟ ହସ୍ପିଟାଲ ମଧ୍ୟରେ ଯୋଗସୂତ୍ର ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଛି । ସେହିଭଳି ରୋଗୀ ଏକ ନିର୍ଦ୍ଦିଷ୍ଟ ଡାକ୍ତରଖାନା (ବିଶେଷ ଭାବେ କଟକ ଓ ଭୁବନେଶ୍ୱର) ଯିବା ପାଇଁ ଉତ୍କଣ୍ଠିତ ଥିଲେ ମଧ୍ୟ ସଂପୃକ୍ତ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ରୋଗୀ ସହ ବିସ୍ତୃତ ଭାବେ ଆଲୋଚନା କରିବା ଆବଶ୍ୟକ ।

ପୁଣି ପୁଲିସ୍-ମାଓବାଦୀ ଗୁଳି ବିନିମୟ

ଫୁଲବାଣୀ, ବାଲିଗୁଡା,୧୫।୯/ଏନ୍‌ଏନ୍‌ଏସ୍: କନ୍ଧମାଳ ଜିଲ୍ଲାରେ ପୁଣି ଥରେ ପୁଲିସ୍-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାଯାଇଛି । ବାଲିଗୁଡା ଥାନା ଅନ୍ତର୍ଗତ କଳାହାଣ୍ଡି ସୀମାନ୍ତ ପାଙ୍ଗାବାଜୁ ଜଙ୍ଗଲରେ ଆଜି ପୁଲିସ୍-ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି । ସୂଚନା ପ୍ରକାରେ, ଉକ୍ତ ଜଙ୍ଗଲରେ ମାଓ ଚଳପ୍ରଚଳ ନେଇ କୌଣସି ପ୍ରକାର ସୂଚନା ପାଇ କନ୍ଧମାଳ ଏସ୍‌ପି ସଂପୃକ୍ତ ଜଙ୍ଗଲରେ କମ୍ବିଂ ଅପରେସନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ସକାଳୁ ଏସଓଜି ଓ ଡିବିଏଫ ଟିମ୍ ମିଳିତ ଭାବେ କମ୍ବିଂ ଅପରେସନ ଆରମ୍ଭ କରିଥିଲେ । ଅପରାହ୍ନ ପ୍ରାୟ ୪ଟା ସମୟରେ ମାଓବାଦୀ ଓ ପୁଲିସ୍ ମଧ୍ୟରେ ସାମନାସାମନି ହେବା ସହ ଗୁଳି ବିନିମୟ ହୋଇଥିଲା । ଦୀର୍ଘ ସମୟ ଗୁଳି ବିନିମୟ ହୋଇଥିବା ବେଳେ ମାଓବାଦୀମାନେ ଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲେ । ପରେ ସର୍ଚ୍ଚ ଅପରେସନ କରି ପୁଲିସ୍ ଟିମ୍ ମାଓକ୍ୟାମ୍ପରୁ ବନ୍ଧୁକ ସମେତ କିଛି ମାଓ ସାମଗ୍ରୀ ଜବତ କରିଥିବା ସୂଚନା ମିଳିଛି । ତେବେ କେହି ମୃତାହତ ହୋଇଛନ୍ତି ନା ନାହିଁ ଜଣାପଡ଼ି ନାହିଁ । ଟିମ୍ ଫେରିନଥିବାରୁ ବିଶେଷ କିଛି ଜଣାପଡିନଥିବା କନ୍ଧମାଳ ଏସପି ଭିନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି । ବୁଧବାର ଏନେଇ ସଂପୂର୍ଣ୍ଣ ତଥ୍ୟ ମିଳିବ ବୋଲି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ ଗତ ୯ ତାରିଖରେ କଳାହାଣ୍ଡି ପୁଲିସ୍ ପକ୍ଷରୁ ବେଲଘର ଥାନା ଭଣ୍ଡରଙ୍ଗି ସିର୍କି ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୫ ଜଣ କ୍ୟାଡର ମାଓବାଦୀ ନିହତ ହୋଇଥିବା ବେଳେ ଦୁଇ ଜଣ ଏସଓଜି ଯବାନ ସହିଦ୍ ହୋଇଥିଲେ । ଏଥିପୂର୍ବରୁ ଗତ ଜୁଲାଇ ମାସରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ସିର୍ଲା ଜଙ୍ଗଲରେ ୩ଥର ସୁରକ୍ଷାକର୍ମୀ ଓ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିବା ବେଳେ ସେଥିରେ ୭ ମାଓବାଦୀ ନିହତ ହୋଇଥିଲେ ।

ଟ୍ରେନ୍ ଦୁର୍ଘଟଣାରେ ନିଖୋଜ ଛାତ୍ରର ମୃତ୍ୟୁ

ଦିଗପହଣ୍ଡି,୧୫।୯/ଏନ୍‌ଏନ୍‌ଏସ୍: ଦିଗପହଣ୍ଡି ଥାନା ଅନ୍ତର୍ଗତ ଦକ୍ଷିଣପୁର ଗ୍ରାମର ଜଣେ + ଦୁଇ ଛାତ୍ର ପୁରୀ ଜିଲ୍ଲା ସାକ୍ଷୀଗୋପାଳ ଠାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଖବର ଆଜି ତାଙ୍କ ପରିବାର ନିକଟରେ ପହଞ୍ଚିଛି । ମୃତ ଛାତ୍ରର ନାମ ପି.ବଳରାମ ରେଡ୍ଡୀ ଓ ଆଶାକର୍ମୀ ପି.ଶାନ୍ତି ରେଡ୍ଡୀଙ୍କ ପୁଅ ବୋଲି ଜଣାପଡିଛି । ଶାନ୍ତିଙ୍କ କହିବା ପ୍ରକାରେ ବଳରାମ ୬ ଦିନ ହେଲା ଘରୁ ଫେରାର ହୋଇଯାଇଥିଲେ ।

ସେ ଦିଗପହଣ୍ଡି ଥାନାରେ ନିଖୋଜ ସମ୍ପର୍କରେ ଏତଲା ଦେଇଥିଲେ । ଶାନ୍ତି ରେଡ୍ଡୀଙ୍କ ସ୍ୱାମୀ ବହୁ ବର୍ଷ ହେଲା ମୃତ୍ୟୁବରଣ କରିଥିବା ବେଳେ ପୁଅକୁ ଚାହିଁ ସଂସାର ଚଳାଇଥିଲେ ।

କନ୍ଧମାଳରେ ୯୫ ସଂକ୍ରମିତ, ଜଣେ ମୃତ

ଫୁଲବାଣୀ କୋର୍ଟ ପରିସର ପୁଣି କଣ୍ଟେନ୍‌ମେଣ୍ଟ

ଫୁଲବାଣୀ,ଚକାପାଦ,ଜି.ଉଦୟଗିରି,୧୫।୯/ଏନ୍‌ଏନ୍‌ଏସ୍: କନ୍ଧମାଳରେ ଜିଲ୍ଲାରେ ଆଜି ନୂଆ ୯୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ୬୨ ଜଣ ପୁରୁଷ ଥିବା ବେଳେ ୩୩ ମହିଳା ଅଛନ୍ତି । ୫ ଜଣ ସ୍ୱାସ୍ଥ୍ୟ ବିଭାଗର କରୋନା ଯୋଦ୍ଧା ଅଛନ୍ତି । ଫୁଲବାଣୀର ୧୮ ଜଣ ଥିବା ବେଳେ ଟିକାବାଲିରୁ ୪, ଜି ଉଦୟଗିରିରୁ ୮, କେ ନୂଆଗାଁରୁ ୮, ଚକାପାଦରୁ ୮, ଖଜୁରିପଡାରୁ ୫, କୋଟଗଡରୁ ଜଣେ, ଦାରିଙ୍ଗବାଡିରୁ ୧୮, ତୁମୁଡିବନ୍ଧରୁ ୨, ରାଇକିଆରୁ ୧୧, ବାଲିଗୁଡାରୁ ୮, ଫିରିଙ୍ଗିଆରୁ ଜଣେ ଓ ଜିଲ୍ଲା ବାହାରୁ ୩ ଜଣ ଚିହ୍ନଟ ହୋଇଥିବା ଜଣାପଡିଛି । ଏଥିସହ ୫୫ ବର୍ଷର ଜଣେ ପୁରୁଷଙ୍କର ମୃତ୍ୟୁ ହୋଇଛି । ସେ ଡାଇବେଟିସ୍ ରୋଗରେ ପୀଡିତ ଥିଲେ । ଅନ୍ୟପକ୍ଷରେ କେତେକ କାରଣ ଯୋଗୁଁ ଆଜି ପୁଣି ଥରେ କୋର୍ଟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଏକାଧିକ କରୋନା ପଜିଟିଭ୍ ଚିହ୍ନଟ ପରେ ପ୍ରଶାସନ ଏହି ନିଷ୍ପତି ନେଇଥିବା ପ୍ରକାଶ । ପୁଲିସ୍ ଓ ପୌର ପରିଷଦ ପକ୍ଷରୁ କୋର୍ଟ ଛକରେ ବାଡ଼ ପକାଇ ଅବରୋଧ କରାଯାଇଛି ।

ଭଞ୍ଜନଗର ଏନଏସି ପକ୍ଷରୁ ଚାରାରୋପଣ

ଭଞ୍ଜନଗର,୧୫।୯/ଏନ୍‌ଏନ୍‌ଏସ୍: ଭଞ୍ଜନଗର ଏନଏସି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ସହରର ଟାଉନ୍‌ହଲ ପରିସର ସମେତ ବେଲଗୁଣ୍ଠା ରୋଡ ଓ ଅନ୍ୟାନ୍ୟ କେତେକ ସ୍ଥାନରେ ବୃକ୍ଷରୋପଣ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଟାଉନହଲ ପରିସରରେ ବୃକ୍ଷରୋପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଘୁମୁସର ନର୍ଥ ଡିଭିଜନ ଡିଏଫଓ ଅଭୟ କୁମାର ଦଳାଇ, ସାଉଥ୍ ଡିଭିଜନ୍ ଡିଏଫଓ ସତ୍ୟନାରାୟଣ ବେହୁରା, ଏସିଏଫ ସୁଦର୍ଶନ ବାଦୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ତଥା ଅନ୍ୟ କର୍ମଚାରୀ ଓ ସ୍ୱଚ୍ଛ ସାଥୀମାନଙ୍କ ସହ ଅବସରପ୍ରାପ୍ତ ବନ କର୍ମଚାରୀ ଶୁଳପାଣି ଶତପଥୀ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ଥାନାରୁ ଚମ୍ପଟ ବାଇକ୍ ଚୋର ଧରାପଡ଼ିଲା

କ.ନୂଆଗାଁ,୧୫।୯/ଏନ୍‌ଏନ୍‌ଏସ୍: କନ୍ଧମାଳ ଜିଲ୍ଲା ସାରଙ୍ଗଡ ଥାନାରୁ ଚମ୍ପଟ ମାରିଥିବା ବାଇକ୍ ଚୋରକୁ ପୁଲିସ୍ ଧରିବାରେ ସକ୍ଷମ ହୋଇଛି । ଏକ ସପ୍ତାହ ତଳେ ବଣଗୁଡାର ମିଟୁନା ପ୍ରଷ୍ଟିଙ୍କ ବାଇକ୍‌କୁ ଗିନ୍ଦାପଙ୍ଗା ଗ୍ରାମର ପ୍ରିୟରଞ୍ଜନ ଓରଫ ପିଣ୍ଟୁ ଚୋରାଇ ନେଇ ଫୁଲବାଣୀ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲା । ପୁଲିସ୍ ପିଣ୍ଟୁକୁ ଉଦ୍ଧାର କରି ଥାନାରେ ଅଟକ ରଖିଥିଲା । ତେବେ କୌଶଳ କ୍ରମେ ପିଣ୍ଟୁ ଥାନାରୁ ଚମ୍ପଟ ମାରିଥିଲା ।

ODISHA HYDRO POWER CORPORATION LTD
CIN: U40101OR1995SGC003963
(*GOVERNMENT OF ODISHA UNDERTAKING*)
OFFICE OF THE SR. GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

CAD-470

No.-CHEP/TW-94 (Vol.-V)/2606 **Date: 15.09.2020**

TENDER CALL NOTICE NO.-CHEP-16/2020-21

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Manpower Service Providers for the following work as mentioned below.

Description	Cost of Tender Paper (Non-refundable)	Estimated Cost / EMD (Refundable)
Providing Secretarial Service (Data Entry Operator – 4 Nos. & Un-skilled Attendant – 2 Nos.) on job contract basis at CHEP, Chiplima	Rs.7,080/- (Rs.6,000/- + GST @18%)	Rs.11,10,546/- EMD=Rs.11,110/-

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.18.09.2020 up to 12:30 PM of dtd.28.09.2020.**

oipr - 04006/11/0015/2021 **Sd/- Unit Head, CHEP, Chiplima**

ଡିୱାଇଏଫ୍‌ଆଇର ବିକ୍ଷୋଭ

ବ୍ରହ୍ମପୁର,୧୫।୯/ଏନଏନଏସ: ଗଞ୍ଜାମ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ବ୍ୟାପକ ସୁଧାର ଆଣିବା ସହ ଯୁବ ସମାଜକୁ କର୍ମନିଯୁକ୍ତି ଯୋଗାଇବା ଦାବିରେ ଡିୱାଇଏଫ୍‌ଆଇ ଯୁବ ସଂଗଠନ ତରଫରୁ ଆଜି ସ୍ଥାନୀୟ ବଡ ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏ କାର୍ଯ୍ୟକ୍ରମରେ ଯୁବ ଫେଡେରେସନର ପୂର୍ବତନ ଗଞ୍ଜାମ ଜିଲ୍ଲା ନେତା ବସନ୍ତ ନନ୍ଦ ଯୋଗ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଅଜିତ ପାଣିଗ୍ରାହୀ, ସଭାପତି ତ୍ରିଲୋଚନ ପ୍ରଧାନ, ପ୍ରଦୀପ ମଣ୍ଡଳ, ଦିଲ୍ଲୀପ ପଗଡ଼, ପ୍ରଶାନ୍ତ ବିଷୋୟୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ ।

ନଦୀ ପଠାରେ ଯୁବତୀଙ୍କୁ ହତ୍ୟା ଘଟଣା

ଏଚ୍‌ଆରସିଙ୍କ ଦ୍ୱାରସ୍ଥ ହେଲେ ବିଜେପି ନେତା

ବ୍ରହ୍ମପୁର,୧୫।୯/ଏନଏନଏସ: ଦୀର୍ଘ ୪ ମାସ ପୂର୍ବେ କେ.ନୂଆଗାଁ ଥାନା ଅନ୍ତର୍ଗତ ଦେଖାଳି ଗ୍ରାମ ନିକଟ ନଦୀ ପଠାରେ ହୋଇଥିବା ଯୁବତୀଙ୍କୁ ହତ୍ୟା ମାମଲାର ରହସ୍ୟ ଆଜି ପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରି ନାହିଁ । ଏହି ହତ୍ୟା ଘଟଣାରେ କିଛି ରାଜନୈତିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବାରୁ ତଦନ୍ତ ଆଗକୁ ବଢୁନଥିବା ଅଭିଯୋଗ ହୋଇଛି । ଏ ନେଇ ଭାରତୀୟ ଜନତା ପାର୍ଟିର ନେତା ଶ୍ରୀକାନ୍ତ ପାଢୀ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି । କମିଶନ କେସ୍ ନଂ ୧୫୯୫୩/୨୦ରେ ଏକ ପିଟିସନ ଦାଖଲ କରିଛନ୍ତି । ତୁରନ୍ତ ଘଟଣାର ତଦନ୍ତ କରିବା ସହ ଏହି ମାମଲାକୁ ନେଇ ସେହି ଅଞ୍ଚଳର ପୁଲିସ କ’ଣ ଅଗ୍ରଗତି କରିଛି, ତାହାର ରିପୋର୍ଟ ଦେବା ପାଇଁ ଅନୁରୋଧ କରିଛନ୍ତି । ଗତ ମେ ୧୦ ତାରିଖରେ କେ.ନୂଆଗାଁ ଥାନା ଅନ୍ତର୍ଗତ ଦେଖାଳି ଗ୍ରାମ ନିକଟ ଦେଇ ଯାଇଥିବା ଏକ ନଦୀ ପଠାକୁ ଯୁବତୀ ପ୍ରମୋଦିନୀ ନାୟକ ଏବଂ ତାଙ୍କ ମା’ ନିଜର କ୍ଷେତ ଦେଖିବା ପାଇଁ ଯାଇଥିଲେ । ମା’ ଠାରୁ କିଛି ଦୂର ଯାଇ ଯୁବତୀ ଜଣକ କ୍ଷେତ ଦେଖୁଥିବା ବେଳେ ଗ୍ରାମର କିଛି ଯୁବକ ତାଙ୍କ ପାଟିରେ ହାତ ଦେଇ କେଉଁ ଆଡେ ନେଇଯାଇଥିଲେ । ପରବର୍ତ୍ତୀ ସମୟରେ ଝିଅକୁ ମୃତ ଅବସ୍ଥାରେ ନଦୀ କୂଳରୁ ତାଙ୍କ ମା’ ପାଇଥିଲେ । ବ୍ରହ୍ମପୁର ଏସପି ପିନାକ ମିଶ୍ରଙ୍କୁ ଭେଟି ମୃତ ପ୍ରମୋଦିନୀଙ୍କ ମା’ ସମସ୍ତ କଥା କହିଥିଲେ । ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଖୋଦ୍ ବ୍ରହ୍ମପୁର ଏସପି ନିଜେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ । ପରେ ଏହା ଅପମୃତ୍ୟୁ ମାମଲାରୁ ହତ୍ୟା ମାମଲା ଭାବେ ରୂପାନ୍ତରିତ ହୋଇଥିଲା । ଏହି ଘଟଣାରେ ନୂଆଗାଁ ଥାନା ପୁଲିସ କିଛି ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରିଥିଲେ ମଧ୍ୟ କୌଣସି ସୁରାକ୍ ନପାଇବା ପରେ ସେମାନଙ୍କୁ ଛାଡି ଦେଇଥିଲେ । ଯୁବତୀଙ୍କୁ ହତ୍ୟା କରିବା ପରେ ତାଙ୍କୁ ନଦୀରେ ଭସାଇ ଦିଆଯାଇଥିବା ଅଭିଯୋଗ ହେଉଛି । ସେହି ସମୟରେ ନଦୀରେ ମଧ୍ୟ ପାଣି ନଥିଲା । ନିଶ୍ଚିତ ଭାବେ ଯୁବତୀଙ୍କୁ ହତ୍ୟା କରାଯାଇଛି ଏବଂ ହତ୍ୟା ଘଟଣାର ପର୍ଦ୍ଦାଫାସ କରିବା ପାଇଁ ବିଜେପି ନେତା ମାନବାଧିକାର କମିଶନଙ୍କ ନିକଟରେ ଦ୍ୱାରସ୍ଥ ହୋଇଛନ୍ତି ।

ODISHA JOINT ENTRANCE EXAMINATION - 2020
(OJEE - 2020)

No:-260 /OJEE 2020 **Date:15-09-2020**

NOTICE REGARDING WEB COUNSELLING FOR B.TECH. / B.ARCH. / INT. M.SC. PROGRAMMES

OJEE Web-based Counselling process for B.Tech. / B.Arch. / Int. M.Sc. will start tentatively in the **1st week of October, 2020**. Hence, all students having JEE (MAIN) All India Rank (CRL) and interested to take part in OJEE counselling for admission to B.Tech./B.Arch./Int. M.Sc. courses in any Government or Private colleges of Odisha are to follow the OJEE Counselling process. They can get detailed information regarding counselling schedule, process and seat matrix etc. that will be made available, before commencement of counselling, in OJEE websites (**www.ojee.nic.in/ www.odishajee.com**).

At present, information such as seat matrix, opening and closing ranks of admission pertaining to last year (2019-20) are available in OJEE website for reference purpose.

Further, candidates are advised to obtain and keep ready with them, all necessary documents required like resident/nativity certificate, caste certificate, Income certificate for TFW claim etc. from appropriate authority well in advance to avoid last date rush.

Sd/-
CHAIRMAN, OJEE, ODISHA

ପାରଳାଖେମୁଣ୍ଡିରେ ସିପିଏମ୍‌ର ବିକ୍ଷୋଭ



ପାରଳାଖେମୁଣ୍ଡି,୧୫।୯/ଏନ୍‌ଏନ୍‌ଏସ୍: ଦିଲ୍ଲୀ ଦଙ୍ଗା ମାମଲାରେ ସିପିଆଇ(ଏମ୍) ନେତା ସୀତାରାମ ୟେଚୁରୀ, ପ୍ରଫେସର ଜୟତୀ ଘୋଷ, ଯୋଗେନ୍ଦ୍ର ଯାଦବ ପ୍ରମୁଖଙ୍କ ନାମରେ ଏତଲାକୁ ଦିଲ୍ଲୀ ପୁଲିସ ଗ୍ରହଣ କରିବା ଅତ୍ୟନ୍ତ ନିନ୍ଦନୀୟ । ଦିଲ୍ଲୀ ଦଙ୍ଗା ବେଳେ ଭାଜପା ନେତାଙ୍କ ପ୍ରବର୍ତ୍ତନାମୂଳକ ଭାଷଣ ସତ୍ତ୍ୱେ ସେମାନଙ୍କୁ ଗିରଫ କରାଗଲା ନାହିଁ । କିନ୍ତୁ ଦେଶର ଗଣତନ୍ତ୍ର ଓ ସମ୍ବିଧାନକୁ ରକ୍ଷା କରିବାପାଇଁ ଲଢେଇ କରୁଥିବା ନେତୃତ୍ୱଙ୍କ ବିରୁଦ୍ଧରେ ଏତଲା ରୁଜୁକୁ ସିପିଆଇ(ଏମ୍) ଗଜପତି ଜିଲ୍ଲା କମିଟି ତରଫରୁ ତୀବ୍ର ନିନ୍ଦା କରାଯିବା ସହ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଛି । ଜିଲ୍ଲାର ପାରଳାଖେମୁଣ୍ଡି, କାଶୀନଗର, ଶିଆଳୀ, ରେଲ୍ଲୀଗୁଡା, ସାନ୍ତାଗୁଡା, କିଚିଙ୍ଗି, ଝାଙ୍କର ଗୁଡା, ରାୟଗଡ, ରାମଗିରି, ଚନ୍ଦ୍ରଗିରି ଠାରେ ଏହି ପ୍ରତିବାଦ ଅନୁଷ୍ଠିତ ହୋଇଛି । ଦଳର ରାଜ୍ୟ କମିଟି ସଭ୍ୟ ଯତୀନ ମହାନ୍ତି, ଜିଲ୍ଲା କମିଟି ନେତା କାର୍ତ୍ତିକ ଶବର, ଶୁକୁ ଶବର, ସିମେନ୍ଦ୍ର ଶବର, ଜିଲ୍ଲା ସମ୍ପାଦକ ଦଣ୍ଡପାଣି ରଇତ ଯୁବନେତା ମାନସ ଜେନା ଗୋକୁଳ ଦଳବେହେରା କେ.ମିତା ରାଓ, କେ. ସଂଜୀବ ପ୍ରମୁଖ ଏହି ସବୁ ପ୍ରତିବାଦର ନେତୃତ୍ୱ ନେଇଥିଲେ ।

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ପ୍ରୋଜେକ୍ଟସ୍ ଲିମିଟେଡ୍
ପଞ୍ଜିକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୩୮, ସେକ୍ଟର-ଏ, ଜୋନ୍-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୦
କର୍ପୋରେଟ୍ କାର୍ଯ୍ୟାଳୟ: ଏଆରଏସ୍‌ଏସ୍ ମଲ, ପ୍ଲଟ୍ ନଂ.: ୪୦, କମ୍ୟୁନିଟି ସେଣ୍ଟର, ବ୍ଲକ୍-ଏ, ପଶ୍ଚିମ ବିହାର, ଜ୍ୱାଲାହେରି ମାର୍କେଟ ବିପରୀତ, ନୂଆ ଦିଲ୍ଲୀ-୧୧୦୦୬୩,
ଟେଲିଫୋନ୍ ନଂ.: +୯୧-୦୬୭୪-୨୬୦୨୭୬୩, ଇ-ମେଲ: cs@arssgroup.in, ୱେବ୍‌ସାଇଟ୍: www.arssgroup.in, **CIN: L14103OR2000PLC006230**

୩୦ଜୁନ୍ ୨୦୨୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପୃଥକ ଏବଂ ଏକିକୃତ ଅଣସମୀକ୍ଷିତ ଆର୍ଥିକ ଫଳାଫଳର ସାରାଂଶ

ଆର୍ଥିକ ଫଳାଫଳର ମୁଖ୍ୟ ଅଂଶଗୁଡିକ (ଟଙ୍କା ଲକ୍ଷରେ)

କ୍ର.ନଂ.	ବିବରଣୀ	ପୃଥକ ଆର୍ଥିକ ବିବରଣୀ (**Standalone**)				ଏକିକୃତ ଆର୍ଥିକ ବିବରଣୀ (**Consolidated**)			
		ଶେଷ ହୋଇଥିବା ତ୍ରୟମାସ			ଶେଷ ହୋଇଥିବା ବର୍ଷ	ଶେଷ ହୋଇଥିବା ତ୍ରୟମାସ			ଶେଷ ହୋଇଥିବା ବର୍ଷ
		୩୦.୦୬.୨୦୨୦ (ଅଣସମୀକ୍ଷିତ)	୩୧.୦୩.୨୦୨୦ (ଅଣସମୀକ୍ଷିତ)	୩୦.୦୬.୨୦୧୯ (ଅଣସମୀକ୍ଷିତ)	୩୧.୦୩.୨୦୨୦ (ସମୀକ୍ଷିତ)	୩୦.୦୬.୨୦୨୦ (ଅଣସମୀକ୍ଷିତ)	୩୧.୦୩.୨୦୨୦ (ଅଣସମୀକ୍ଷିତ)	୩୦.୦୬.୨୦୧୯ (ଅଣସମୀକ୍ଷିତ)	୩୧.୦୩.୨୦୨୦ (ସମୀକ୍ଷିତ)
୧.	କାର୍ଯ୍ୟରୁ ମୋଟ ଆୟ	୪,୧୨୮.୦୪	୫,୨୪୦.୫୭	୧୦,୧୦୮.୦୦	୨୮,୮୫୧.୬୧	୪,୧୨୮.୦୪	୫,୨୪୦.୬୧	୧୦,୧୦୮.୦୦	୨୮,୮୫୧.୬୧
୨.	ଟିକସ ଏବଂ ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପୂର୍ବରୁ ନେଟ୍ ଲାଭ/(କ୍ଷତି)	୩୮.୭୪	୧,୧୧୦.୩୬	(୬୮.୦୦)	୯୮୮.୫୩	୩୮.୭୪	୧,୬୯୬.୫୪	(୬୮.୦୦)	୯୮୮.୫୪
୩.	ଟିକସ ପୂର୍ବରୁ (ବିଶେଷ ଏବଂ/କିମ୍ବା ସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/ (କ୍ଷତି)	୩୮.୭୪	୧,୧୧୦.୩୬	(୬୮.୦୦)	୯୮୮.୫୩	୫୧.୪୬	୧,୯୦୬.୫୩	(୬୦.୦୦)	୧,୦୯୫.୫୨
୪.	ଟିକସ ପରେ (ବିଶେଷ ଏବଂ/କିମ୍ବା ଅସାଧାରଣ ଆଇଟମ୍ ପରେ) ନେଟ୍ ଲାଭ/କ୍ଷତି	୧୧୧.୧୯	୧,୧୬୯.୯୦	(୫୧.୦୦)	୭୯୯.୦୪	୧୨୩.୯୧	୨,୧୪୪.୫୨	(୪୩.୦୦)	୯୦୬.୦୩
୫.	ସମ୍ପୂର୍ଣ୍ଣ ମୋଟ୍ ଆୟ (ଟିକସ ପରେ ଲାଭ/(କ୍ଷତି) ଏବଂ ଟିକସ ପରେ ଅନ୍ୟ ମୋଟ୍ ଆୟ)	୧୧୧.୧୯	୧,୧୭୫.୧୨	(୫୧.୦୦)	୮୦୪.୨୬	୧୨୩.୯୧	୨,୧୪୯.୭୩	(୪୩.୦୦)	୯୧୧.୨୪
୬.	ଇକ୍ୟୁଟି ସେୟାର କ୍ୟାପିଟାଲ	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦	୨,୨୭୩.୮୦
୭.	ସେୟାର ପିଛା ଆୟ (ପ୍ରତ୍ୟେକ ଟ.୧୦/- ରେ) ବେସିକ୍ ଏବଂ ଡାଇଲୁଟେଡ୍ (ଟଙ୍କାରେ)	୦.୪୯	୫.୧୭	(୦.୨୨)	୩.୫୪	୦.୫୪	୯.୪୩	(୦.୧୯)	୩.୯୮

ଦ୍ରଷ୍ଟବ୍ୟ:
କ) ୩୦ ଜୁନ୍ ୨୦୨୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ପାଇଁ କମ୍ପାନୀର ଉପରୋକ୍ତ ଆର୍ଥିକ ଫଳାଫଳ ଅଡିଟ୍ କମିଟ୍ ଦ୍ୱାରା ସମୀକ୍ଷା ଏବଂ ସୁପାରିଶ କରାଯାଇଛି ଏବଂ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳୀ ଦ୍ୱାରା ୧୫ ସେପ୍ଟେମ୍ବର ୨୦୨୦ ରିଖରେ ଅନୁଷ୍ଠିତ ସେମାନଙ୍କର ବୈଠକରେ ଅନୁମୋଦିତ କରାଯାଇଛି । ଏହି ଆର୍ଥିକ ଫଳାଫଳ ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା) ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ପ୍ରକାଶ କରାଯାଉଛି ।
ଖ) ଉପରୋକ୍ତ ଫଳାଫଳ ୩୦ ଜୁନ୍ ୨୦୨୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପୃଥକ ଏବଂ ଏକିକୃତ ଅଣସମୀକ୍ଷିତ ଆର୍ଥିକ ଫଳାଫଳର ସାରାଂଶ ଅଟେ, ଯାହା ସେବି (ଆଇନଗତ ବାଧ୍ୟତା ଏବଂ ପ୍ରକାଶନ ଆବଶ୍ୟକତା ସୂଚୀକରଣ) ନିୟମାବଳୀ ୨୦୧୫ର ନିୟମ ୩୩ ଅନୁଯାୟୀ ଷ୍ଟକ୍ ଏକ୍ସଚେଞ୍ଜରେ ନଥିଭୁକ୍ତ କରାଯାଇଅଛି । ୩୦ ଜୁନ୍ ୨୦୨୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକ ପୃଥକ ଏବଂ ଏକିକୃତ ଅଣସମୀକ୍ଷିତ ଆର୍ଥିକ କାରବାରର ସମ୍ପୂର୍ଣ୍ଣ ଫର୍ମାଟ୍ ଷ୍ଟକ୍ ଏକ୍ସଚେଞ୍ଜ ୱେବ୍‌ସାଇଟ୍- **www.bseindia.com** and **www.nseindia.com** ଏବଂ କମ୍ପାନୀର ୱେବ୍‌ସାଇଟ୍ - **www.arssgroup.in** ରେ ଉପଲବ୍ଧ ।

ଏଆର୍‌ଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟସ ଲିମିଟେଡ୍‌ର
ନିର୍ଦ୍ଦେଶକ ମଣ୍ଡଳୀ ପକ୍ଷରୁ
ସ୍ୱା/-
ରାଜେଶ ଅଗ୍ରୱାଲ
ପରିଚାଳନା ନିର୍ଦ୍ଦେଶକ (ଡି.ଆଇ.ଏନ୍.- ୦୦୨୧୭୮୨୩)

ତାରିଖ: ୧୫.୦୯.୨୦୨୦
ସ୍ଥାନ: ଭୁବନେଶ୍ୱର